## ସଂକ୍ଷେପରେ

### ସିକଲ୍‌ସେଲ ସଚେତନତା କାର୍ଯ୍ୟକ୍ରମ ସରିଲା

ଆସିକା,୩।୭ (ସୁରେନ୍ଦ୍ର ନାଥ ସାହୁ): ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ୧୫ଦିନ ଧରି ଚାଲିଥିବା ରକ୍ତଶିଙ୍କୁଳି ଜନିତ ରକ୍ତହୀନତା (ସିକଲ୍‌ସେଲ) ନିରାକରଣ ସଚେତନତା କାର୍ଯ୍ୟକ୍ରମ ବୁଧବାର ଉଦଯାପିତ ହୋଇଛି। ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଏବଂ ଯୁବ ରେଡକ୍ରସର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଗଣେଶ୍ୱର ମାଝି ଅଧ୍ୟକ୍ଷତା କରିଥିଲେ । ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟ ଅତିଥି ଏବଂ ବିଡିଓ ଫକୀର ଚରଣ ପରିଡା, ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ମିଶ୍ର ଏବଂ ଅଧ୍ୟାପକ ଓମ ନାରାୟଣ ରାଓ ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ । ଛାତ୍ରୀମାନେ ବାଡିବଗିଚାରେ ସବୁଜ ପନିପରିବା, ଶାଗ ଆଦି ଉତ୍ପାଦନ କରି ଏହାର ବ୍ୟବହାର ଦ୍ୱାରା ରକ୍ତହୀନତାକୁ ଏଡାଇବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ଡ. ଲିଲାଲିଲିୟନ ସଂଯୋଜନା କରିଥିଲା ବେଳେ ଡ. ସରୋଜ କୁମାର ଜେନା, ଡ. ସୁପ୍ରିୟା ଦାଶ, ଡ. ଉର୍ମିଳା ମୁଦୁଲିଙ୍କ ସମେତ ବହୁ ଅଧ୍ୟାପକ ସାମିଲ ଥିଲେ । ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା ।

### ତ୍ରିନାଥ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

ଜି.ଉଦୟଗିରି,୩।୭(ଶିଶିର ପଟ୍ଟନାୟକ) ଜି.ଉଦୟଗିରି ଶ୍ରୀରାମପଦାଠାରେ ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ମଙ୍ଗଳବାର ପ୍ରଥମ ଦିନରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ମସ୍ତକରେ କଳସ ଧରି ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ତିନିଦିନ ଧରି ଅନ୍ନ ଯଜ୍ଞ, ଘୃତଯଜ୍ଞ, ନାମଯଜ୍ଞ ଚାଲିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଗ୍ରାମାଞ୍ଚଳର ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେବା ସହିତ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଛନ୍ତି। ଏହି ପ୍ରତିଷ୍ଠା ଉତ୍ସବରେ ଯୋଗଦେବା ପାଇଁ ଆଖ ପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହେବାରେ ଲାଗିଛି। ଶ୍ରୀରାମପଦା ଜନସାଧାରଣଙ୍କ ସହଯୋଗ ସହିତ ଏହି ଉତ୍ସବରେ ବାଳକୃଷ୍ଣ ମହାନ୍ତି, ସିଲୁ ମହାନ୍ତି, ଭଗବାନ ଦାଶ, ସୀମାଞ୍ଚଳ ସାହୁ, ଜଗନ୍ନାଥ ସାହୁ, ମିଥୁନ ସ୍ୱାଇଁଙ୍କ ସମେତ ଶ୍ରୀରାମପଦା ବାସିନ୍ଦା ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### କେଏମ୍‌ଆର୍‌ଏସ୍‌ରେ ବନ ମହୋତ୍ସବ

ରାଇକିଆ,୩।୭(ପ୍ରଦୀପ ବେହେରା): ରାଇକିଆ କଳିଙ୍ଗ ମଡେଲ ରେଶିଡେନ୍ସିଆଲ ସ୍କୁଲରେ ବୁଧବାର ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ପ୍ରିନ୍ସିପାଲ ଜଗଦିଶ ମହାକୁଡ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ରେଞ୍ଜର ଯୁଧିଷ୍ଠିର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ସରସ୍ୱତୀ ପ୍ରଧାନ ଏବଂ ବନ ବିଭାଗ କର୍ମଚାରୀମାନେ ଯୋଗଦେଇଥିଲେ। ନୂତନ ଭାବେ ନାମ ଲେଖିଥିବା ଛାତ୍ରୀଛାତ୍ରମାନଙ୍କୁ ଗୋଟିଏ ଲେଖାଏ ଚାରା ଏବଂ କିଟ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ଉପସଭାପତି ବିଜୟ ପ୍ରଧାନ, ତାପସ ଦଳ ବେହେରାଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

### ଜବରଦଖଲକାରୀଙ୍କୁ ପ୍ରଶାସନର ଚେତାବନୀ

ଖଲ୍ଲିକୋଟ,୩।୭(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ବଡ଼ଦାଣ୍ଡରେ ଜବରଦଖଲ କରିଥିବା ବ୍ୟବସାୟୀଙ୍କୁ ସ୍ଥାନୀୟ ପ୍ରଶାସନ ଚେତାବନୀ ଦେଇଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ଜବରଦଖଲ ହଟାଅ, ନଚେତ ୫ ତାରିଖରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କୁହାଯାଇଛି। ଆସନ୍ତା ରଥଯାତ୍ରାରେ ଶୃଙ୍ଖଳିତ ରଥଟଣାକୁ ଦୃଷ୍ଟିରେ ରଖି ଖଲ୍ଲିକୋଟ ତହସିଲଦାର ଶ୍ରୀକୁମାର ରଥ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ନାୟକ, ଥାନା ଏଏସଆଇ ହରିକୃଷ୍ଣ ସାମଲ ପ୍ରମୁଖ ବଡଦାଣ୍ଡରେ ପହଞ୍ଚି ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଜବରଦଖଲ କରିଥିବା ବ୍ୟବସାୟୀଙ୍କୁ ହଟିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯଦି କୌଣସି ବ୍ୟବସାୟୀ ଏଥିରେ ଖିଲାପ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ଶିକ୍ଷା ବିଭାଗରେ ୧୬୯ କନିଷ୍ଠ ସହାୟକଙ୍କୁ ନିଯୁକ୍ତି ପତ୍ର ଆବଣ୍ଟନ

ଛତ୍ରପୁର,୩।୭ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):




କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଧାୟକମାନଙ୍କ ସହିତ ଜିଲାପାଳ ଉପସ୍ଥିତ ।

ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଗଞ୍ଜାମ ଜିଲାର ନବନିଯୁକ୍ତ ୧୬୯ଜଣ କନିଷ୍ଠ ସହାୟକମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଛି। ଛତ୍ରପୁର ଜିଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ନିଯୁକ୍ତି ପତ୍ର ବିଧାୟକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ସାନଖେମୁଣ୍ଡି ବିଧାୟକଙ୍କ ପ୍ରତିନିଧି ଅତୁଲ୍ୟ ସ୍ୱାଇଁ ମଞ୍ଚାସୀନ ରହି ଅବଗତ କରାଇଥିଲେ ଯେ, ଜିଲାରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାକୁ ହେଲେ ଜିଲାର ବିଦ୍ୟାଳୟମାନଙ୍କରେ ଖାଲି ପଡିଥିବା ପଦଗୁଡିକ ପୂରଣ ହେବା ଜରୁରୀ। ଚିକିଟି ଅଞ୍ଚଳରେ ତେଲୁଗୁ ଶିକ୍ଷକ ନିଯୁକ୍ତି ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାଗୁଡିକୁ ସଜାଡିବାର ରହିଛି। କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ କହିଥିଲେ, ଶିକ୍ଷା ବିଭାଗର ସୁନାମ ଯେପରି ହେବ ତାହାକୁ ଦୃଷ୍ଟିରେ ରଖି ନବନିଯୁକ୍ତ ଯୁବକ ଯୁବତୀ ନିଜର ପ୍ରତିଭାକୁ ପ୍ରତିପାଦନ କରିବେ ବୋଲି ଆଶା ରଖିଛନ୍ତି । ଛାତ୍ର ଓ ଶିକ୍ଷକ ମଧ୍ୟରେ କୌଣସି ମତ ପାର୍ଥକ୍ୟ ରହିବ ନାହିଁ ସେହିଭଳି ପରିବେଶ ସୃଷ୍ଟିକରି ସମ୍ପର୍କ ସୁଦୃଢ଼ କରିବାକୁ ପ୍ରେରଣା ଦେଇଥିଲେ। ଗଞ୍ଜାମ ଜିଲା ଓଡିଶାରେ ଯେମିତି ଏକ ନମ୍ବର ଜିଲା ଭାବେ ନିଜର ମାନ ବୃଦ୍ଧି କରିବ ସେହି ଦିଗରେ ଚେଷ୍ଟା କରନ୍ତୁ ବୋଲି ମତ ରଖିଥିଲେ। ପ୍ରକାଶ ଥାଉକି ଜିଲାର ଶିକ୍ଷା ବିଭାଗ ନିମନ୍ତେ ୧୮୪ ଜଣ ପ୍ରାର୍ଥୀଙ୍କ ଚୟନ ହୋଇଥିଲା, ତନ୍ମଧ୍ୟରୁ ୧୬୯ ଜଣ ପ୍ରାର୍ଥୀ କାଉନସେଲିଂକୁ ଆସିଥିଲେ। ବଳକା ପ୍ରାର୍ଥୀଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ନିଯୁକ୍ତି ପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମର ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା, ସହକାରୀ ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ, ଓଡିଶା ଶିକ୍ଷା ସେବା ଅଧିକାରୀଗଣ, ପ୍ରଧାନ ଶିକ୍ଷକଗଣ, ସମସ୍ତ ବ୍ଲକ ଶିକ୍ଷାଧିକାରୀ ଜିଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

## ଅଟୋ ଦୁର୍ଘଟଣାରେ ୫ ଶିଶୁ ସମେତ ୧୧ ଆହତ

ଚିକିଟି,୩।୭(ପ୍ରକାଶ ଚନ୍ଦ୍ର ସାହୁ): କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟିଠାରୁ ଟାମଣା ଘାଟି ଦେଇ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଅଟୋ ମାଧୁରୀ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡ଼ିଥିଲା। ଏଥିରେ ୫ ଶିଶୁଙ୍କ ସମେତ ୧୧ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କରବାଲୁଆ ଗ୍ରାମର ସୁମନ ବେହେରା(୭), ଚନ୍ଦନ ବେହେରା (୧୦), ଉର୍ବଶୀ ବେହେରା (୬୦), କାଞ୍ଚନ ବେହେରା(୫୦), କୈଳାଶୀ ବେହେରା (୬୦), ଶ୍ରୀଧର ସାହୁ (୧୦), ଚିକିଟି ପେଣ୍ଠର ଗୁଡଲି ବେହେରା (୧୧), ରୁଦ୍ର ବେହେରା (୯)। ଆହତମାନଙ୍କ ମଧ୍ୟରୁ ସୁମନ, ଚନ୍ଦନ, ଉର୍ବଶୀ, କାଞ୍ଚନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

ବୁଧବାର ମଧ୍ୟାହ୍ନରେ ଚିକିଟିଠାରୁ ଅଟୋଟି ୧୧ ଜଣଙ୍କୁ ନେଇ ଏକ ଭୋଜି ସକାଶେ ଟାମଣା ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଯାତ୍ରୀମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଚିକିଟି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଖବର ପାଇ ଚିକିଟି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋକୁ ଜବତ କରି ତଦନ୍ତ ଚଳାଇଛି।

## ଖେଳାଳି ବେଶରେ ଚଢ଼ାଉ, ୨୪ ଜୁଆଡ଼ି ଗିରଫ

ପାତ୍ରପୁର,୩।୭(ଉମା ଚରଣ ନେପାକ) ଜରଡା ଥାନା ଅନ୍ତର୍ଗତ ପଦାଦିଗି ଅଞ୍ଚଳରେ ବଡ଼ ଧରଣର ଜୁଆଖେଳ ଚାଲିଥିବା ବେଳେ ବୁଧବାର ଖେଳାଳି ବେଶରେ ଆସି ବ୍ରହ୍ମପୁର ପୋଲିସ ଚଢ଼ାଉ କରି ୨୪ରୁ ଉର୍ଦ୍ଧ୍ୱ ଜୁଆଡ଼ିଙ୍କୁ ଗିରଫ କରିଛି। ଏଥିସହ ୧,୭୦,୦୦୦ ଟଙ୍କା ଜବତ ହୋଇଥିବା ବେଳେ ୧୧ ବାଇକ ପୋଲିସ ଜବତ କରିଛି। ଆନ୍ଧ୍ରପ୍ରଦେଶର ବହୁ ବଡ଼ ବଡ଼ ଜୁଆଙ୍କୁ ନେଇ ସ୍ଥାନୀୟ ଅଞ୍ଚଳର କିଛି ଅସାଧୁ ବ୍ୟକ୍ତିମାନେ ପଦାଦିଗି ଅଞ୍ଚଳରେ ଜୁଆଖେଳ ପକାଉଥିଲେ। ସ୍ୱତନ୍ତ୍ର ପୋଲିସ ଟିମ ଖେଳାଳି ବେଶରେ ଆସି ଖେଳିବା ପରେ ଚଢ଼ାଉ କରି ଜୁଆଡିମାନଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲା।

## ଜିଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ବନ ଉତ୍ସବ

ପାରଳାଖେମୁଣ୍ଡି, ୩।୭ (ଗିରିଧାରୀ ପରିଛା):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ୭୫ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ରାଜ୍ୟ ମୁଖ୍ୟ କମିଶନର ଡ଼ଃ କାଳୀପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଶିକ୍ଷା ଅଧିକାରୀ ଡ଼ଃ ମାୟାଧର ସାହୁ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମନୋଜ କୁମାର ଦଳାଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲା ସ୍କାଉଟ୍ସ ଓ ଗାଇଡ୍ସର ସମ୍ପାଦକ ସୁରେନ୍ଦ୍ର କୁମାର ପାତ୍ର ପରିଚାଳନା କରିଥିଲେ। ଏହିପରି ଭାବେ ଜିଲାର ସମସ୍ତ ବିଦ୍ୟାଳୟରେ ମଧ ଗଛ ଲଗାଇବା ପାଇଁ ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ ବିଦ୍ୟାଳୟରେ ଗଛ ଲଗାଇବା କାର୍ଯ୍ୟକ୍ରମ ଜାରି ରହିଛି। ଏହି କାର୍ଯ୍ୟକ୍ରମକୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ସମ୍ପାଦନା କରିବା ପାଇଁ ସମସ୍ତ ସ୍କାଉଟ୍ସ ଶିକ୍ଷକ ଓ ଗାଇଡ୍ସ କ୍ୟାପଟେନମାନଙ୍କୁ ନିୟୋଜିତ କରାଯାଇଛି। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ସମ୍ପାଦକ ଶ୍ରୀ ପାତ୍ର କହିଛନ୍ତି 'ଗଛଟିଏ ପାଇଁ ବିନ୍ଦୁଟିଏ' ଓ 'ଗୋଟିଏ ଗଛ ମା'ଙ୍କ ନାମରେ' ଏହି ବାର୍ତ୍ତା ଦେଇ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ କିପରି ଏହାର ଯତ୍ନ ନେବା ସମସ୍ତଙ୍କୁ କହିଛନ୍ତି।

## ବନ ମହୋତ୍ସବ ସପ୍ତାହ

ଆସିକା,୩।୭(ସୁରେନ୍ଦ୍ର ନାଥ ସାହୁ)

ଆସିକା ବନାଞ୍ଚଳ ପକ୍ଷରୁ ଆସିକା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ସୋମବାର ୭୫ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଥିଲା । କଲେଜ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଏବଂ ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ମେଜର ଡ. ଶଙ୍କର ପ୍ରସାଦ ଅଧିକାରୀ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ତ୍ରିପାଠୀ ପ୍ରଧାନମନ୍ତ୍ରୀଙ୍କର ବନମହୋତ୍ସବର ନାରା ମା' ପାଇଁ ବୃକ୍ଷଟିଏ ପ୍ରତି ସମସ୍ତେ ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ ଦେଇଥିଲେ । ଡ. ଅଜିତ କୁମାର ମୁନି, ଶରତ କୁମାର ପଣ୍ଡା, ରାଜେଶ କୁମାର ସାହୁ, ପବିତ୍ର ଧଙ୍ଗଡ ମାଝି, ରୋସମା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନିର୍ଦ୍ଦଳୀୟ ଚିନ୍ତାଧାରା ରଖି ବିକାଶ କରାଯିବ



ବିଧାୟକଙ୍କୁ ସ୍ୱାଗତ କରାଯାଉଛି ।

ଭଞ୍ଜନଗର,୩।୭ (ବାବୁଲା ପ୍ରଧାନ): ଭଞ୍ଜନଗର ବ୍ଲକ ତିଳିସିଙ୍ଗିରେ ବୁଧବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନବ ନିର୍ବାଚିତ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏବଂ ଦଳର ବିଜୟରେ ପ୍ରମୁଖ ଭୂମିକା ନିଭାଇଥିବା କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସଭାରେ ବିଧାୟକ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ବିକାଶ ଯୋଜନା ସମୟରେ ସର୍ବଦା ନିର୍ଦ୍ଦଳୀୟ ଚିନ୍ତାଧାରା ରଖି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ରାଜ୍ୟର ଅଗ୍ରଣୀ ନିର୍ବାଚନ ମଣ୍ଡଳୀ ଭାବେ ଭଞ୍ଜନଗରକୁ ଗଢି ତୋଳିବା ପାଇଁ ସଭାରେ ଶପଥ ନେଇଥିଲେ। ଏଥିସହ ଗତ ନିର୍ବାଚନ ସମୟରେ କିଛି ତିକ୍ତ ଅନୁଭୂତିକୁ ପରୋକ୍ଷରେ କହିଥିଲେ। ଏହାପୂର୍ବରୁ ଶ୍ରୀ ନାୟକ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଲୋକେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ ସଭାରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଭାକର ନାୟକ, ଭାଜପା ନେତା ପ୍ରସନ୍ନ ନାୟକ, ସୁବାସ ପ୍ରଧାନ, ଶିବରାମ ନାୟକ, ଶିବ ଶଙ୍କର ପ୍ରଧାନ, ଧୋବା ଗୌଡ, ଧବଳେଶ୍ୱର ମାଝୀ, ପ୍ରମୋଦ ପ୍ରଧାନ, ପ୍ରମୋଦ ପାତ୍ର, ମଣି ଦିକ୍ଷୀତ, ମନୋଜ ପଟ୍ଟନାୟକ, ସନ୍ତୋଷ ତିଆଡ଼ି, ନିରଞ୍ଜନ ପଣ୍ଡା, ପଦ୍ମ ଦିହୁଡି ପ୍ରମୁଖ ଉପସ୍ଥିତ ଥିଲେ।

## ଚିକିଟି ମହାବିଦ୍ୟାଳୟରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଚିକିଟି,୩।୭(ପ୍ରକାଶ ଚନ୍ଦ୍ର ସାହୁ)



ପୁରସ୍କାର ସହ କୃତୀ ଛାତ୍ରୀଛାତ୍ର ।

ଚିକିଟି ଗଡ଼ ସ୍ଥିତ ମହାବିଦ୍ୟାଳୟ ପରିସରରେ ବୁଧବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭବାନୀପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଲକ୍ଷ୍ମୀଧର ମହାନ୍ତି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭବେ ପରିଚାଳନା ସମିତିର ସଦସ୍ୟା ଡ. ସୁଜାତା ସାମନ୍ତରାୟ, ପ୍ରତିଭା କୁମାରୀ ପଣ୍ଡା, ଗିତାଞ୍ଜଳୀ ପାତ୍ର, ସସ୍ମିତା ପାତୀଙ୍କ ସହ ଦୁଇ ସଦସ୍ୟ ସୁକାନ୍ତ ନାୟକ, ନିରଞ୍ଜନ ବେହେରା ଯୋଗ ଦେଇଥିଲେ। ପ୍ରାକ୍ତନ ଇଂରେଜୀ ଅଧ୍ୟାପକ ଦଶରଥ ରାଉତ ଜଗତର ନାଥ ଜଗନ୍ନାଥଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଡ. ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ବିଗତ ବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ଆଠ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା।

## ବ୍ରାହ୍ମଣୀଗାଁ ବନାଞ୍ଚଳରେ ବନ ମହୋତ୍ସବ

ବ୍ରାହ୍ମଣୀଗାଁ,୩।୭(ମନୋରଞ୍ଜନ ରଣା)

ସୋମବାରଠାରୁ ରାଜ୍ୟରେ ବନ ମହୋତ୍ସବ ପାଳନ କରାଯାଉଥିବା ବେଳେ ବୁଧବାର ଝିଞ୍ଜିରିଗୁଡ଼ା ପଞ୍ଚାୟତର କେର୍ଲେମାହାଠାରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବ୍ରାହ୍ମଣୀଗାଁ ବନାଞ୍ଚଳ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ବନାଞ୍ଚଳ ଅଧିକାରୀ ହରିହର ବେହେରାଙ୍କ ତତ୍ତ୍ୱାବଧାନରେ ବନ ମହାତ୍ସବରେ ୧୦ ହଜାର ଚାରାରୋପଣ କରିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ୩ ହଜାର ୨ ଶହ ଚାରା ରୋପଣ କରାଯାଇଛି। ମୁଖ୍ୟ ଅତଥିଭାବେ ଦାରିଙ୍ଗବାଡି ତହସିଲଦାର ଶରତ ଚନ୍ଦ୍ର ଶବର ଯୋଗ ଦେଇଥିବା ବେଳେ ବ୍ରାହ୍ମଣୀଗାଁ ଭାରପ୍ରାପ୍ତ ଥାନା ଅଧିକାରୀ ଚିରଞ୍ଜୀବୀ ବେହେରା, ଏସ୍‌ଆଇ ଅମରେନ୍ଦ୍ର ସୁବୁଦ୍ଧି ପ୍ରମୁଖ କୋଅର୍ଡିନେଟର ଚାରା ରୋପଣ କରିଥିଲେ।

## ଜି.ଉଦୟଗିରିରେ ରଥଯାତ୍ରା ପ୍ରସ୍ତୁତି ବୈଠକ

ଜି.ଉଦୟଗିରି,୩।୭(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଜଗନ୍ନାଥ ମନ୍ଦିର ପରିସରରେ ଆସନ୍ତା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ବିନୋଦ ବିହାରି ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜି. ଉଦୟଗିରି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ପରିଚାଳନା କମିଟି ତରଫରୁ ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ, ଉପ ସଭାପତି ମନରଞ୍ଜନ ପତି, କୋଷାଧ୍ୟକ୍ଷ ଅଶୋକ କୁମାର ପାତ୍ରଙ୍କ ସହିତ କାଲୁ ଚରଣ ପଣ୍ଡା, ସୀମାଞ୍ଚଳ ଦାଶ, ସଞ୍ଜୟ କୁମାର ଆଚାର୍ଯ୍ୟ, ରାଜେନ୍ଦ୍ର ମହାପାତ୍ର, ଅଶ୍ୱିନୀ କୁମାର ପାତ୍ର, ଅଚ୍ୟୁତ ପଣ୍ଡା, ମାନସ ପଣ୍ଡା, ମିଲୁ ପଣ୍ଡା ପ୍ରମୁଖ ପରିଚାଳନା କମିଟି ତରଫରୁ ଯୋଗ ଦେଇଥିଲେ। ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ବିଡିଓ ମନୋଜ କୁମାର ଦେବତା, ଜି.ଉଦୟଗିରି ଏସଡିପିଓ ବିଜୟ କୁମାର ବିଶି, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ, ଥାନାଧିକାରୀ ଭଗବାନ ପୂଜାରୀ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସଞ୍ଜିବ କୁମାର ପାତ୍ରଙ୍କ ସହିତ ବନ ବିଭାଗ, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ, ବ୍ୟାଙ୍କ ଅଧିକାରୀ, ତହସିଲ, ସ୍ୱାସ୍ଥ୍ୟ ବିଭାଗ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଅରୁଣ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅତିଥି ଅଧ୍ୟାପକ ନିଯୁକ୍ତିରେ ଦୁର୍ନୀତି ଅଭିଯୋଗ

ଫୁଲବାଣୀ,୩।୭(ରାକେଶ କୁମାର ରାଉତ):

ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟରେ ଅତିଥି ଅଧ୍ୟାପକ ନିଯୁକ୍ତିରେ ବ୍ୟାପକ ଦୁର୍ନୀତୀ ହୋଇଥିବା ଅଭିଯୋଗ ହୋଇଛି। ଶିକ୍ଷାଗତ ଯୋଗ୍ୟତା ସ୍ନାତୋକତ୍ତର, କଳା ଭୂଷଣ ସହିତ ୫ରୁ ୭ ବର୍ଷର ଅଭିଜ୍ଞତା ଥାଇ ମଧ ନିଯୁକ୍ତି ପାଇନାହାନ୍ତି। କେବଳ ସ୍ନାତୋକତ୍ତର କରିଥିବା ପିଲା ଏବଂ ଅଭିଜ୍ଞ ନ ଥିବା ପାର୍ଥିମାନଙ୍କୁ ନିଯୁକ୍ତି ଦିଆଯାଇଛି। ଦୀର୍ଘ ୨୦୧୯ରୁ କାଯ୍ୟ କରିଆସୁଥିବା ଅତିଥି ଅଧ୍ୟାପକମାନଙ୍କୁ ସାକ୍ଷାତକାର ନିଯୁକ୍ତି ଆଳରେ କାଟି ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶକୁ ଅବମାନା କରି ଅଧ୍ୟକ୍ଷ ନିଯୁକ୍ତି କମିଟିମୁଖ୍ୟ ନିଜର ମନମାନି କରୁଛନ୍ତି। ଜଣେ ବରିଷ୍ଠ ଅଧ୍ୟାପକ କମିଟିରେ ରହିବେ ବୋଲି ସରକାରଙ୍କ ନିର୍ଦ୍ଦେଶ ଥିବା ବେଳେ ତାହାକୁ ମଧ୍ୟ ପାଳନ କରାଯାଇନାହିଁ। ୨୦୨୩ରେ ନିଯୁକ୍ତି ପାଇଥିବା ଅଧ୍ୟାପକମାନଙ୍କୁ କମିଟିରେ ରଖି ଅଧ୍ୟକ୍ଷ ନିଜର ଆଧିପତ୍ୟ ଯାହିର କରିଥିବା ଜଣାପଡ଼ିଛି। ଏମିତି କି ସକାଳ୯ରୁ ରାତ୍ର ୯ ଯାଏ ଅତିଥି ଅଧ୍ୟାପକ ସାକ୍ଷାତକାର ଚାଲିଥିଲା। ଫଳରେ ଦୂର ଦୁରନ୍ତରୁ ଆସିଥିବା ଆଶାୟୀ ପ୍ରାଥୀମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସରକାର ଏହାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା ନାଗରିକ ମଞ୍ଚ ଦାବି କରିଛି। ସୂଚନାଯୋଗ୍ୟ, ଅତିଥି ଅଧ୍ୟାପକ ୨୦୧୯ରୁ କାର୍ଯ୍ୟ କରିଆସୁଥିଲେ। ସ୍ଥାୟୀ ଅଧ୍ୟାପକ ନଥିବାରୁ ସେମାନେ ଶିକ୍ଷା ଦାନ କରୁଥିଲେ। ବିଗତ ସରକାର ସେମାନଙ୍କ ଚାକିରୀକୁ ୨୦୧୯ରୁ ଆଜି ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ।

## ବିକାଶ ପାଇଁ ସହଯୋଗ କାମନା କଲେ ବିଧାୟକ



ବରଗାଁ ଗ୍ରାମରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ଆସିକା,୩।୭ (ସୁରେନ୍ଦ୍ର ନାଥ ସାହୁ): ଆସିକା ବିଧାୟକ ସରୋଜ କୁମାର ପାଢୀ ଆସିକା ବ୍ଲକର ବରଗାଁ ପଞ୍ଚାୟତରେ ଜନସାଧାରଣଙ୍କୁ ଭେଟି ନିର୍ବାଚନରେ ତାଙ୍କ ଉପରେ ଆସ୍ଥା ପ୍ରକଟ ପୂର୍ବକ ବିଜୟୀ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରର ଜନସାଧାରଣଙ୍କ ପକ୍ଷରୁ ବିଧାୟକ ପାଢୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଧାୟକ ପାଢୀ ଏହି ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବରଗାଁ ପଞ୍ଚାୟତର ବରଗାଁ, କଲେଜ ଛକ, ଗୋଲାପଲ୍ଲୀ ଓ ବେଣିଆ ଗ୍ରାମରେ ବିଧାୟକ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି। ପର୍ଯ୍ୟାୟ କ୍ରମେ ସେ ଆସିକା ବ୍ଲକର ୨୭ଟି ପଞ୍ଚାୟତ ଓ କବିସୂର୍ଯ୍ୟନଗର ବ୍ଲକର ୧୨ଟି ପଞ୍ଚାୟତକୁ ଗସ୍ତ କରିବେ। ବିଧାୟକଙ୍କ ଏହି କାର୍ଯ୍ୟକ୍ରମରେ ଭାଜପା ନେତା ବିଜୟ କୁମାର ସ୍ୱାଇଁ, ଗଙ୍ଗାଧର ଗୌଡ଼, ନିରଞ୍ଜନ ପାତ୍ର, ସରୋଜ ଭଞ୍ଜ, ଅନିଲ ପରିଡାଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।

## ନୂଆ ଆପରାଧିକ ଆଇନ ସମ୍ବନ୍ଧୀୟ ସଚେତନତା

ଖଲ୍ଲିକୋଟ/ଶେରଗଡ଼/ଆସିକା, ୩।୭ (ପ୍ରଶାନ୍ତ କୁମାର ମିଶ୍ର/ସୂର୍ଯ୍ୟନାରାୟଣ ଦାଶ/ସୁରେନ୍ଦ୍ର ନାଥ ସାହୁ):

ଖଲ୍ଲିକୋଟ ଥାନା ପରିସରରେ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ନରେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ପାର୍ଥ ପ୍ରତିମ ଦେବତା ଉପସ୍ଥିତ ଥିବା ବେଳେ ଖଲ୍ଲିକୋଟ ବ୍ଲକ ସରପଞ୍ଚ ସଂଘ ସଭାପତି ମନୋଜ କୁମାର ସେଠୀଙ୍କ ସମେତ ପ୍ରାୟ ସବୁ ପଞ୍ଚାୟତର ସରପଞ୍ଚ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ନୂଆ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ସମ୍ପର୍କରେ ସଚେତନ ପାଇଁ ଆଲୋଚନା କରାଯାଇଥିଲା। ନୂଆ ଆଇନ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବ ବୋଲି ଥାନା ଅଧିକାରୀ ସାହୁ ସମସ୍ତଙ୍କୁ ସୂଚନା ଦେଇଥିଲେ।

ସେହିପରି ଶେରଗଡ଼ ଥାନା ପରିସରରେ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ନେଇ ସଚେତନତା ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବିରେନ୍ଦ୍ର ସିଆଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଆପରାଧିକ ଆଇନର ଦିଗ ସମ୍ପର୍କରେ ଆଲୋଚନା କରାଯାଇଛି। ଏଥିସହ ଆପରାଧିକ ଆଇନ ଯାହା ଜୁଲାଇ ୧ରୁ ଲାଗୁ କରାଯାଇଛି ତା'ର ଦିଗ ସଂପର୍କରେ ଆଲୋଚନା କରାଯାଇଥିଲା। ସରକାର କେବଳ ଆପରାଧିକ ଆଇନର ସଂଶୋଧନ କରିଛନ୍ତି ଯେପରି ଅପରାଧ ଏଣିକି ବନ୍ଦ ହେବ। ସରକାରଙ୍କ ଏହି ପ୍ରୟାସ ସାଧୁବାଦ ପଦକ୍ଷେପ ବୋଲି କିଛି ଯୁବ ବନ୍ଧୁ ମତ ପ୍ରକାଶ କରିଥିଲେ। ବରିଷ୍ଠ ଖବରଦାତା ସୂର୍ଯ୍ୟନାରାୟଣ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ବ୍ଲକର ସମସ୍ତ ଗ୍ରାମରେ ସଚେତନତା କରିବାକୁ କହିଥିଲେ। ଅନ୍ୟତମ ଅତିଥି ଭାବେ ଏଏସ୍‌ଆଇ ସରଳତା ପ୍ରଧାନଙ୍କ ସମେତ ବିଭିନ୍ନ ସରପଞ୍ଚ, ଯୁବ ବନ୍ଧୁ ଓ ଖବରଦାତାମାନେ ଯୋଗଦେଇ ଥିଲେ। ସେହିପରି ଆସିକା ଥାନାରେ ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ଓକିଲ ସଂଘ ସଭାପତି ସୁଧାଂଶୁ କୁମାର ପଣ୍ଡା, ସମ୍ପାଦକ ବିଦେଶୀ ନାହାକ, ବରିଷ୍ଠ ଆଇନଜୀବୀ ନାରାୟଣ ମୁନୀ, ସନ୍ତୋଷ କୁମାର ପାଣିଗ୍ରାହୀ, ଖୋକନ ରାଓ, ସବ ଇନ୍ସପେକ୍ଟର ଅମ୍ବିକା ବେଣିଆ ନୂଆ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନୁଷ୍ଠିତ ନୂତନ ଭାବେ ଭାରତୀୟ ନ୍ୟାସ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ସଂକ୍ଷେପରେ

### କାଠଫାଳିଆରେ ଯୁବକଙ୍କୁ ଆକ୍ରମଣ, ୨ ଗିରଫ

ବ୍ରହ୍ମପୁର,୩।୭ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବକଙ୍କୁ ଗାଳିଗୁଲଜ ସହ କାଠ ଫାଳିଆରେ ଆକ୍ରମଣ ଅଭିଯୋଗରେ ବଡବଜାର ଥାନା ପୋଲିସ ଫାଷ୍ଟଗେଟ ଅଟୋନଗରର ଗାଣ୍ଡୁ ବେହେରା ଓରଫ ଶିବ ଓ ଆକାଶ ବେହେରାଙ୍କୁ ଗିରଫ କରିଛି । ୨ ଦିନ ତଳେ ଅଟୋନଗର ଆପାର୍ଟମେଣ୍ଟର କୁନି ସାହୁଙ୍କ ପୁଅ ଦୀପକ ଘର ସମ୍ମୁଖରେ ବସିଥିବା ବେଳେ ୨ ଅଭିଯୁକ୍ତ ସେଠାରେ ପହଞ୍ଚି କୌଣସି କାଣରକୁ ନେଇ ଗାଳିଗୁଲଜ କରିବା ସହ କାଠ ଫାଳିଆରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଦୀପକଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଆପାର୍ଟମେଣ୍ଟର ଲୋକମାନେ ସେଠାକୁ ଆସିଯିବାରୁ ଉଭୟ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ଦୀପକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ କୁନି ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୨୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୁଧବାର ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଷ୍ଟ୍ରେଚର, ହୁଇଲ ଚେୟାର ଅଭାବରୁ ରୋଗୀ ହନ୍ତସନ୍ତ

## ଏମ୍‌କେସିଜିରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

ବ୍ରହ୍ମପୁର,୩।୭(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ବାରମ୍ବାର ସାମନାକୁ ଆସିବାରେ ଲାଗିଛି। ଦୁଇଦିନ ତଳେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ମେଡିକାଲକୁ ଆସି ଠିକ ଭାବେ ରୋଗୀଙ୍କୁ ସେବା ଯୋଗାଇବା ଓ ଆନୁସଙ୍ଗିକ ଭିତ୍ତିଭୂମି ସୁଦୃଢ଼ କରିବାକୁ କହିଥିଲେ। ତଥାପି ସମସ୍ୟା ଲାଗି ରହିଛି। ମଙ୍ଗଳବାର କାଜୁଆଲ୍‌ଟିରେ ଷ୍ଟ୍ରେଚର ଓ ହୁଇଲ ଚେୟାର ଅଭାବରୁ ଅନେକ ରୋଗୀ ହନ୍ତସନ୍ତ ହୋଇଥିବା ଦେଖାଯାଇଛି।

ଗଜପତି ନଗରରୁ ଜଣେ ୯୦ ବର୍ଷୀୟ ରୋଗୀ ମୂତ୍ରାଶୟଜନିତ ରୋଗର ପୀଡ଼ିତ ହୋଇ ମେଡିକାଲର ଆଶୁ ଚିକିତ୍ସା ବିଭାଗକୁ ଯାଇଥିଲେ। ସେ ଚାଲିବାରେ ଅକ୍ଷମ ଥିଲେ। ତାଙ୍କ ସମ୍ପର୍କୀୟଙ୍କଠାରୁ ମିଳିଥିବା ସୂଚନା ମୁତାବକ କାଜୁଆଲ୍‌ଟିରେ ଟିକେଟ କରି ଆସିବା ପରେ ଡାକ୍ତରଙ୍କ ସହିତ ଯୋଗାଯୋଗ କରିଥିଲେ। ଡାକ୍ତର ରୋଗୀଙ୍କୁ ଆଣନ୍ତୁ ବୋଲି କହିବା ପରେ ଷ୍ଟ୍ରେଚର କିମ୍ବା ହୁଇଲ ଚେୟାର ମିଳି ନ ଥିଲା। ରୋଗୀ ସେମିତି ବାହାରେ ଅଟୋରେ ବସି ରହିଥିଲେ। ପ୍ରାୟ ଘଣ୍ଟାଏ ପରେ ଚଳନକ୍ଷମ ଏକ ଷ୍ଟ୍ରେଚର ମିଳିଥିଲା। ତାହା ବି ଠିକ ଭାବେ ଚାଲୁ ନ ଥିଲା। କାଜୁଆଲଟିରେ ଶଯ୍ୟା ଅଭାବରୁ ବାହାରେ ହିଁ ଚିକିତ୍ସା କରିବାକୁ ପଡିଥିଲା। ସବୁଠୁ ବଡ କଥା ହେଲା ସେ ଯେଉଁ ଷ୍ଟ୍ରେଚରରେ ଶୋଇ ଚିକିତ୍ସିତ ହେଉଥିଲେ ସେଠାରେ ଶେରଗଡରୁ ଆସିଥିବା ଆଉ ଜଣେ ରୋଗୀ ସମ୍ପର୍କୀୟ ଜଗି ରହିଥିଲେ। ମୂତ୍ରାଶୟ ରୋଗୀଙ୍କ ଚିକିତ୍ସା ପରେ ସେ ସେହି ଷ୍ଟ୍ରେଚରକୁ ନେବା ପାଇଁ ଚାହୁଁଥିଲେ। ଶଯ୍ୟା ଅଭାବରୁ ବାହାରେ ଅନେକ ରୋଗୀଙ୍କୁ ଷ୍ଟାଣ୍ଡିଂ ଷ୍ଟ୍ରେଚରରେ ଶୁଆଇ ଚିକିତ୍ସା କରାଯାଉଥିବା ଦେଖିବାକୁ ମିଳିଥିଲା। ତେବେ ଡାକ୍ତରମାନଙ୍କ ପର୍ଯ୍ୟାପ୍ତ ସେବା ମିଳୁଥିବାବେଳେ ଷ୍ଟ୍ରେଚର ଓ ହୁଇଲ ଚେୟାର ନ ମିଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ତେବେ ବଡ ମେଡିକାଲରେ ସାଧାରଣ ଷ୍ଟ୍ରେଚର କିମ୍ବା ହ୍ୱିଲ ଚେୟାର ନ ମିଳିବା ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ବିଭିନ୍ନ ବିଭାଗ ପାଇଁ କେବଳ ମାଳ ମାଳ କୋଠା ନିର୍ମାଣ ହୋଇଥିବାବେଳେ ଷ୍ଟ୍ରେଚର, ହୁଇଲ ଚେୟାର ଓ ଶଯ୍ୟା ଅଭାବରୁ ରୋଗୀମାନେ କିଭଳି ଦୁର୍ଦ୍ଦଶା ଭୋଗୁଛନ୍ତି । ଏ ସମ୍ପର୍କରେ ଷ୍ଟ୍ରେଚର ଓ ହୁଇଲ ଚେୟାର ନେବା ଆଣିବା କରୁଥିବା କେତେଜଣ କର୍ମଚାରୀଙ୍କୁ ପଚାରିବାରୁ ସେମାନେ କହିଲେ ଯେ, ହୁଇଲ ଚେୟାରଗୁଡିକ ଅନ୍ତଃବିଭାଗକୁ ରୋଗୀ ନେବା ଆଣିବା କରାଯାଉଛି। ତେଣୁ ହୁଇଲ ଚେୟାରର ଅଭାବ ରହୁଛି। ସେହିପରି ଷ୍ଟ୍ରେଚରଗୁଡିକ ବି ସେଭଳି କାର୍ଯ୍ୟରେ ଲାଗୁଛି। ବିଶେଷ କରି ପୂର୍ବରୁ ଯେତିକି ରୋଗୀ ଆସୁଥିଲେ ଏବେ ବହୁଗୁଣରେ ରୋଗୀ ଆସୁଛନ୍ତି। ଗଞ୍ଜାମ ଜିଲା ସହିତ ଆନ୍ଧ୍ର ଏବଂ ଖୋର୍ଦ୍ଧା, ନୟାଗଡ ଆଦି ଜିଲାରୁ ରୋଗୀ ଆସୁଛନ୍ତି। ଆଶୁ ଚିକିତ୍ସା ବିଭାଗର ଉପର ମହଲାକୁ ଗଲାବେଳେ ସେଠାରେ ମଧ ଅନେକ ରୋଗୀ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଥିଲା। ଡାକ୍ତରମାନେ ସେବା ଯୋଗାଇ ଦେଉଥିବାବେଳେ ରୋଗୀଙ୍କୁ ଭିତରେ ଭର୍ତ୍ତି କରିବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ମେଡିକାଲ ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ହସ୍ପିଟାଲରେ ଷ୍ଟ୍ରେଚର ଓ ହୁଇଲ ଚେୟାର ରହିଛି। ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି ବେଳେବେଳେ ରୋଗୀଙ୍କୁ ତାହା ଉପଲବ୍ଧ ହେବାରେ ସମସ୍ୟା ଦେଖାଦେଉଛି। ଖୁବଶୀଘ୍ର ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## କେସି ବାଳିକା ହାଇସ୍କୁଲରେ ବୃକ୍ଷରୋପଣ



କେ.ସି.ବାଳିକା ବିଦ୍ୟାଳୟରେ ଚାରାରୋପଣ କରାଯାଉଛି।

ବ୍ରହ୍ମପୁର,୩।୭(ସ୍ୱାଧୀନ ଶେଖର ପାଢ଼ୀ)

ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ଗୋସାଇଁନୂଆଗାଁ କେସି ବାଳିକା ହାଇସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଜ୍ୟ କାଜୁ ଉନ୍ନୟନ ନିଗମର ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା ସବୁଜ ବନାନୀ ସୃଷ୍ଟି ପାଇଁ ଛାତ୍ରୀଙ୍କୁ ସଚେତନ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯିବା ସହ ଅତିଥିମାନେ ଛାତ୍ରୀଙ୍କୁ ଏହାର ଗୁରୁତ୍ୱ ବୁଝାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପାଣିଗ୍ରାହୀ, ଶିକ୍ଷୟିତ୍ରୀ ନୀତିବେଦା ପାଢ଼ୀ, ଶର୍ମିଷ୍ଠା ଶତପଥୀ, ମାମି ସାହୁ, ସ୍କୁଲ କର୍ମଚାରୀ, ସ୍ଥାନୀୟ କର୍ପୋରେଟର, ବହୁ ପ୍ରକୃତିପ୍ରେମୀଙ୍କ ସହ ସ୍କୁଲଛାତ୍ରୀମାନେ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ହାଜର ହେଲେନି ଆଇଓ, ୮ରେ ପରବର୍ତ୍ତୀ ଶୁଣାଣି

### କ୍ଷୀର ବ୍ୟବସାୟୀ ହତ୍ୟା ମାମଲା

ବ୍ରହ୍ମପୁର,୩।୭ (ସୁବାସ ଚନ୍ଦ୍ର ପାଢ଼ୀ)

ଗୋସାଇଁନୂଆଗାଁ ଥାନା ହିଲପାଟଣାରେ ରହୁଥିବା ହେରିଟେଜ କମ୍ପାନୀର କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନି ହତ୍ୟା ମାମଲାର ବିଚାର ଏବେ ବ୍ରହ୍ମପୁର ଅତିରିକ୍ତ ଜିଲାଜଜ-୩ ରାଜ କୁମାର ଦାସଙ୍କ କୋର୍ଟରେ ଚାଲୁରହିଛି । ଉକ୍ତ ମାମଲାର ତୁରନ୍ତ ଫଏସଲା ପାଇଁ କୋର୍ଟ ପକ୍ଷରୁ ଉଦ୍ୟମ ଜାରି ଥିଲେ ବି ତଦନ୍ତ ଅଧିକାରୀ(ଆଇଓ) ତଥା ତତ୍କାଳୀନ ଗୋସାଇନୂଆଗାଁ ଥାନାଧିକାରୀ ସୁମିତ ସୋରେନ କୋର୍ଟରେ ହାଜର ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲେ ମଧ ସେ କୌଣସି କାରଣରୁ କୋର୍ଟରେ ହାଜର ହୋଇପାରି ନ ଥିଲେ। ଫଳରେ ମାମଲାର ବିଚାରରେ ବିଳମ୍ବ ଘଟୁଛି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୮ ତାରିଖ ଦିନ ଧାର୍ଯ୍ୟ ହୋଇଛି। ଉକ୍ତ ଦିନ ଉକ୍ତ ଆଇଓ କୋର୍ଟରେ ହାଜର ହେବେ ବୋଲି ଜଣାପଡିଛି। ପୂର୍ବରୁ ମୃତ ଲମ୍ବୋଦରଙ୍କ ଝିଅ ତଥା ୨୫ତମ ଶେଷ ସାକ୍ଷୀ ଭାବେ ସାଗରିକା ମୁନି ଗତ ୨୮ ତାରିଖରେ କୋର୍ଟରେ ହାଜର ହୋଇଥିଲେ। ତାଙ୍କ ବୟାନ ରେକର୍ଡ କରାଯାଇଛି । ସୂଚନାଯୋଗ୍ୟ, ୨୦୨୦ ଜୁନ ୧୨ ତାରିଖ ରାତିରେ ୫ରୁ ୬ ଜଣ ଲୁଟ କରିବା ଉଦ୍ଦେଶ୍ୟରେ ଲମ୍ବୋଦରଙ୍କ ଗୋଦାମରେ ପଶିଥିଲେ। ଘର ଭିତରେ ଲୁଟେରାଙ୍କ ଶବ୍ଦ ଶୁଣି ଲମ୍ବୋଦର ନିଦରୁ ଉଠି ପଡିଥିଲେ। ଲୁଟେରାମାନେ ଧରାପଡିଯିବା ଭୟରେ ତାଙ୍କୁ ହତ୍ୟା କରିଥିଲେ ବୋଲି ପୋଲିସ ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ଏ ନେଇ ଗୋସାଇଁନୂଆଗାଁ ଥାନାରେ ନଂ.୮୭/୨୦ରେ ଏକ ମାମଲା ରୁଜୁ ହୋଇଥିଲା । ପୂର୍ବରୁ ପୋଲିସ ପର୍ଯ୍ୟାୟକ୍ରମରେ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ଅଭିଯୁକ୍ତମାନେ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଅଛନ୍ତି ।

## କଳାକାର ସମାଜ ଜାତୀୟ ଅସ୍ମିତାର ପରିଚାୟକ

ବ୍ରହ୍ମପୁର,୩।୭(ସ୍ମୃତି ରଞ୍ଜନ ମହାଲିକ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଜିଲା ବରିଷ୍ଠ କଳାକାର ସଂଘର ୫ମ ବାର୍ଷିକୋତ୍ସବ ଅବସରରେ ବୁଧବାର ଟାଉନ ହଲଠାରୁ ହିଲପାଟଣା ସଂସ୍କୃତି ଭବନ ଯାଏ କଳାକାର ଶୋଭାଯାତ୍ରା ହୋଇଥିଲା। ଏଥିରେ କନ୍ଧମାଳ ଜିଲା ପକ୍ଷରୁ ଖଞ୍ଜଣୀ, ଡାକୁଲ ନୃତ୍ୟ ସହ ଗଞ୍ଜାମ ଜିଲା ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ ପ୍ରଦର୍ଶନ କରିଥିଲେ। ଏହାପରେ ସଂସ୍କୃତି ଭବନ ପରିସରରେ ସାଂସ୍କୃତିକ ସଭା ଆୟୋଜିତ ହୋଇଥିଲା। ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ବିଜେଡି ନେତା ସୁବାସ ମହାରଣା, ସାହିତ୍ୟିକ ଇଂ ଯାମିନୀକାନ୍ତ ଦାସ, ବରିଷ୍ଠ ଯାତ୍ରା ଅଭିନେତା ରାଜେନ୍ଦ୍ର ମୋହନ ପତି, ସଂଘ ଉପଦେଷ୍ଟା ସୁରେନ୍ଦ୍ର କୁମାର ଜେନା, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଅଭୟ କୁମାର ଦାସ ଓ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। କଳାକାର ସମାଜ ଜାତୀୟ ଅସ୍ମିତାର ପରିଚାୟକ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ରାମଚନ୍ଦ୍ର ରାଉଳ, ବଦ୍ରି ନାରାୟଣ ନାୟକ, ମହେଶ୍ୱର ବିଶ୍ୱାଳ ଓ ବି. ବିଘ୍ନେଶଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଆୟୋଜିତ ଭାରତ ଲୀଳା ସମାରୋହରେ ଜଗନ୍ନାଥ ନାଟ୍ୟ କଳା ସଂସଦ, ମାଁ ଲିମେଶ୍ୱରୀ ନାଟ୍ୟ କଳା ସଂସଦ, ଝାଡବାଇ ସ୍ୱପ୍ନେଶ୍ୱର ନାଟ୍ୟ ସଂଘ, ଗୋପୀନାଥ ନାଟ୍ୟ ସଂସଦ ପ୍ରମୁଖ ନାଟ୍ୟ ଦଳ ଅଂଶଗ୍ରହଣ କରିଥିଲେ। ସଂଘର ସମ୍ପାଦନ ସୁବାସ ଚନ୍ଦ୍ର ସାହୁ ରୋଶନ ସଂଘର ଆଭିମୁଖ୍ୟ ଓ ଉତ୍ସବ ସଂପର୍କରେ କହିଥିଲେ। ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା ଓ ସଂସ୍କୃତି ପ୍ରେମୀ କୃଷ୍ଣ ଚନ୍ଦ୍ର ଗୌଡଙ୍କ ଦ୍ୱାରା ନାଟ୍ୟ ଦଳ ଓ ଦଳର ନିର୍ଦ୍ଦେଶକଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଚନ୍ଦନା ନନ୍ଦ, ବନ୍ଦନା ମହାପାତ୍ର ଓ ଗୀତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଖଣ୍ଡାରେ ଆକ୍ରମଣ ଘଟଣା, ଜଣେ ଗିରଫ

ବ୍ରହ୍ମପୁର,୩।୭ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗରେ ବଡବଜାର ଥାନା ପୋଲିସ ଧାନମେରା ସାହିର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜିତୁ ଦାସ(୩୨) । ଗତ ୩୦ ତାରିଖ ରାତିରେ ଧାନମେରା ସାହିର ଉନ୍ନତି ଦାସଙ୍କ ସାନପୁଅ ତ୍ରିଦେବ ଦାସ ଘରୁ ଚିକେନ ତରକାରୀ ଧରି ବାଇକ ଯୋଗେ ହରିଜନ କଲୋନୀ ସ୍ଥିତ ନିଜ ଶ୍ୱଶୁର ଘରକୁ ଯାଉଥିବା ବେଳେ ସେହି ଅଞ୍ଚଳରେ ଥିବା ଏକ ମଦ ଦୋକାନ ନିକଟରେ ଅଭିଯୁକ୍ତ ଜିତୁଙ୍କ ସମେତ ଅନ୍ୟ କେତେଜଣ ଯୁବକ ତାଙ୍କୁ ଅଟକାଇ ଗାଳି ଗୁଲଜ କରି ଖଣ୍ଡାରେ ଆକ୍ରମଣ କରିଥିଲେ । ଖଣ୍ଡା ଚୋଟରେ ତ୍ରିଦେବଙ୍କ ଡାହାଣ ହାତ ପାପୁଲିରେ ଗଭୀର ଆଘାତ ଲାଗିବା ସହ ଗୋଡରେ ମଧ ଆଘାତ ଲାଗିଥିଲା। ସେହିପରି ଏହା ପୂର୍ବରୁ ଅଭିଯୁକ୍ତ ଜିତୁ ତ୍ରିଦେବଙ୍କ ସାନ ଭାଇ ପାପା ଦାସଙ୍କୁ ମଧ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ତ୍ରିଦେବଙ୍କ ମା' ଉନ୍ନତି ଦାସ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ୨୨୫/୨୪) ରୁଜୁ କରି ତଦନ୍ତ କରିଥିଲା । ବୁଧବାର ଜିତୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ କାବୁ କରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି ।

## ରେଳ ବିଭାଗରେ ଚାକିରି ଦେବାକୁ କହି ୧୦ଲକ୍ଷ ଠକେଇ, ଜଣେ ଗିରଫ

ଖଲ୍ଲିକୋଟ,୩।୭(ପ୍ରଶାନ୍ତ କୁମାର ମିଶ୍ର):

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶାସନ ଗୁରୁଣ୍ଡି ଗ୍ରାମର ବିଦେଶୀ ମିଶ୍ରଙ୍କ ଠାରୁ ରେଳବାଇରେ ଚାକିରି କରାଇ ଦେବାର ମିଥ୍ୟା ପ୍ରଲୋଭନ ଦେଖାଇ ୧୦ ଲକ୍ଷ ଟଙ୍କା ଠକି ନେଇଥିବା ଖଲ୍ଲିକୋଟ ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମାମଲା ରୁଜୁ କରିବା ସହିତ ବୁଧବାର କୋର୍ଟ ଚାଲାଣ କରିଛି। ଖୋର୍ଦ୍ଧା ଜିଲା ଜଟଣୀ ଥାନା ହାଟ ବଜାର ଅଞ୍ଚଳର ବୀର କିଶୋର ପ୍ରଧାନ ପୂର୍ବତଟ ରେଳବାଇରେ କାର୍ଯ୍ୟ କରନ୍ତି। ୨୦୨୨ରେ ଟ୍ରେନ ଯାତ୍ରା ସମୟରେ ବିଦେଶୀ ମିଶ୍ରଙ୍କ ସହିତ ବୀରକିଶୋରଙ୍କ ସାକ୍ଷାତ ହୋଇଥିଲା। ସେତେବେଳେ ସେ ରେଳବାଇରେ ଚାକିରି କରାଇଦେବାକୁ ବିଦେଶୀଙ୍କୁ ପ୍ରଲୋଭନ ଦେଖାଇଥିଲେ। ଭିନ୍ନ ଭିନ୍ନ ସମୟରେ ବୀରକିଶୋର ୧୦ଲକ୍ଷ ଟଙ୍କା ନେଇଥିଲେ। ପରେ ଫୋନ କଲ ଗ୍ରହଣ କରିନଥିଲେ। ତେଣୁ ଠକେଇର ଶିକାର ହୋଇଥିବା ଜାଣି ବିଦେଶୀ ଥାନାରେ ଅଭିଯୋଗ କରିଥିଲେ। ବୀରକିଶୋର ଆହୁରି କେତେଜଣଙ୍କ ଠାରୁ ମିଥ୍ୟା ପ୍ରଲୋଭନ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ଶୁଣିବାକୁ ମିଳୁଛି।

## ଇନ୍ସପେକ୍ଟରସ୍ତରରେ ଅଦଳବଦଳ

ବ୍ରହ୍ମପୁର,୩।୭ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲାରେ ଇନ୍ସପେକ୍ଟରଙ୍କ ସ୍ତରରେ ଅଦଳ ବଦଳ ହୋଇଛି। ଏ ନେଇ ପୋଲିସ ମୁଖ୍ୟାଳୟରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ମୋଟ ୫ ଜଣ ଇନ୍ସପେକ୍ଟରଙ୍କୁ ବିଭିନ୍ନ ଥାନାକୁ ଅଦଳବଦଳ କରାଯାଇଛି। ଟ୍ରାଫିକ ଥାନା ଅଧିକାରୀ ସୌଭାଗ୍ୟ ସ୍ୱାଇଁଙ୍କୁ ଟାଉନ ଥାନାକୁ ବଦଳି ହୋଇଥିବା ବେଳେ ଟାଉନ ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ରଙ୍କୁ ଦିଗପହଣ୍ଡି ଥାନାକୁ ବଦଳି ହୋଇଛି। ସେହିପରି ଦିଗପହଣ୍ଡି ଥାନାଧିକାରୀ ବାବା ଶଙ୍କର ସରିଫଙ୍କୁ ବଡବଜାର ଥାନାକୁ ବଦଳି ହୋଇଛି। ବଡବଜାର ଥାନାଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ଗୋପାଳପୁର ଥାନାକୁ ବଦଳି ହୋଇଥିବାବେଳେ ଗୋପାଳପୁର ଥାନାଧିକାରୀ ଶରତ କୁମାର ମହାଲିକଙ୍କୁ ଟ୍ରାଫିକ ଥାନାକୁ ବଦଳି ହୋଇଛି।

## ଜମାକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ପଦକ୍ଷେପ ନେବାକୁ ଦାବି

ବ୍ରହ୍ମପୁର,୩।୭(ସ୍ମୃତି ରଞ୍ଜନ ମହାଲିକ)




ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ସାହାରା ଇଣ୍ଡିଆ କମ୍ପାନୀ ରାଜ୍ୟର ୨୦ ଲକ୍ଷ ଜମାକାରୀ ଓ ଏଜେଣ୍ଟଙ୍କଠାରୁ ସଂଗ୍ରହ କରି ନେଇଥିବା ପ୍ରାୟ ୨୦ ହଜାର କୋଟି ଟଙ୍କାର ଜମା ରାଶି ଫେରସ୍ତ ଦିଗରେ ସରକାରୀ ପଦକ୍ଷେପ ନେବାକୁ ସାହାରା ଜମାକାରୀ ମଞ୍ଚ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ଏ ନେଇ ବୁଧବାର ମଞ୍ଚ ପକ୍ଷରୁ ବିଜିପୁର ସନ୍ତୋଷୀ ମା' ମନ୍ଦିର କଲ୍ୟାଣ ମଣ୍ଡପରେ ଏକ ବୈଠକ ହୋଇଥିଲା। ମଞ୍ଚ ସଭାପତି ବିଜୟ କୁମାର ପାଢି ସଭାପତିତ୍ୱ କରିଥିଲେ। ରବି ରଥ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବୈଠକରେ ମଞ୍ଚ ପକ୍ଷରୁ ୮ଦଫା ଦାବି ଉପରେ ଆଲୋଚନା ହୋଇଥିଲା। ଦାବି ଗୁଡିକ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଓପିଆଇଡି ଆଇନ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ବିୟୁଡିଏସ ଆଇନ ୨୦୧୯ ଅନୁସାରେ ଜମାକାରୀଙ୍କୁ ଜମା ରାଶି ଫେରସ୍ତ ପାଇଁ ପଦକ୍ଷେପ, ଅର୍ଥନୈତିକ ଅପରାଧ ଶାଖା ଓ ଥାନାରେ ଅଭିଯୋଗ ହୋଇଥିବା କମ୍ପାନୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଟଙ୍କା ଫେରସ୍ତ ପୋର୍ଟାଲରେ ଅର୍ଥ ଫେରସ୍ତ ପ୍ରକ୍ରିୟା ସରଳୀକରଣ, ମୃତ ଜମାକାରୀ ଓ ଏଜେଣ୍ଟଙ୍କ ଉତ୍ତରାଧିକାରୀଙ୍କୁ ପ୍ରାପ୍ୟ ପ୍ରଦାନ, ସ୍କିମ ବାବଦରେ ଗ୍ରହଣ କରିଥିବା ଟଙ୍କାର ଡାଟାବେସ ସରକାରଙ୍କୁ ପ୍ରଦାନ, ସ୍କିମ ଜରିଆରେ ସଂଗୃହୀତ ଜମା ରାଶିକୁ ସୁଧ ସହ ଫେରସ୍ତ, ଜମାକର୍ତ୍ତା ଓ ଏଜେଣ୍ଟମାନଙ୍କର ସମ୍ପୂର୍ଣ୍ଣ ଦେୟ ଫେରା ନ ହେବା ପର୍ଯ୍ୟନ୍ତ ସାହାରା ଇଣ୍ଡିଆ ମାଲିକାନାରେ ବ୍ରହ୍ମପୁର ଗୋପାଳପୁର ରାସ୍ତାରେ ଥିବା ୪୦.୯୭ ଏକର ଜମି ଓ ଭୁବନେଶ୍ୱର କଟକ ରାସ୍ତାରେ ଗୋପାଳପୁରଠାରେ ରହିଥିବା ୬୫.୪୩ ଏକର ଜମି ଉପରେ ହେବାକୁ ଥିବା ସମସ୍ତ ପ୍ରକାର କାରବାରକୁ ନିଷିଦ୍ଧ କରିବାକୁ ଦାବି ହୋଇଛି। ବିରଞ୍ଚି ପାଢି, ବସନ୍ତ ଚୌଧୁରୀ, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଓ ଚିତ୍ରସେନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କର୍ମଶାଳା

ବ୍ରହ୍ମପୁର,୩।୭(ସ୍ୱାଧୀନ ଶେଖର ପାଢ଼ୀ)

ରଘୁନାଥ ପ୍ରସାଦ ପାଢୀ ଗ୍ରନ୍ଥାଗାର ତରଫରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କର ପ୍ରେରଣାରେ ଗବେଷଣା ଉପରେ ଏକ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ଜ୍ୟୋତ୍ସ୍ନା ସାହୁ, ନିର୍ଦ୍ଦେଶିକା, ରଘୁନାଥ ପ୍ରସାଦ ପାଢୀ ଗ୍ରନ୍ଥାଗାର ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଦାରା ଉପଲବ୍ଧ ଇ-ରିସୋର୍ସେସ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ସୁଧାକର ପାତ୍ର, ଡିନ ତଥା ନାକ ସଂଯୋଜକ ଏନେଇ ମତ ରଖିଥିଲେ। ପ୍ରଶିକ୍ଷଣ ବିଶେଷଜ୍ଞ ଶ୍ରୀମତୀ ଐଶ୍ୱର୍ଯ୍ୟା ନାୟାଲ, ସହସଂଯୋଜକ ଅଭିମନ୍ୟୁ ପ୍ରଧାନ, ଡ. ଜିତେନ୍ଦ୍ର କୁମାର ବେହେରା, ଭାରପ୍ରାପ୍ତ ଗ୍ରନ୍ଥାଗାରିକ,ଡ: ମନସିନୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଜୁଏଲର୍ସରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ବେଲଗୁଣ୍ଠା,୩।୭(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):

ବେଲଗୁଣ୍ଠା ବାଙ୍କ ବଜାର ଟାଉନହଲ ନିକଟସ୍ଥ ମହାଦେବ ଜୁଏଲର୍ସରେ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଦୋକାନରୁ ସୁନା, ରୂପା ଗହଣା ଓ ଟଙ୍କା ଲୁଟ୍ ହୋଇଥିବା ଜୁଏଲର୍ସ ମାଲିକ ଡି. ସଂଗ୍ରାମ କେଶରୀ ବିନ୍ଧାଣୀରା ବୁଧବାର ସକାଳେ ବେଲଗୁଣ୍ଠା ଥାନାରେ ଜଣାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଛି। ଦୁର୍ବୃତ୍ତ ଦୋକାନର ପଛପଟ କାନ୍ଥକୁ ଡ୍ରିଲ ମେଶିନ୍ ଦ୍ୱାରା ଖୋଳି ସେହି ବାଟେ ଭିତରକୁ ଯାଇ ସିସିଟିଭି କ୍ୟାମେରାରେ କଳାରଙ୍ଗର କେମିକାଲ୍ ସ୍ପ୍ରେ କରିଥିବା ଜଣାପଡିଛି। ଛତ୍ରପୁରରୁ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ଆସି ତଦନ୍ତ କରିଛନ୍ତି। ଦୋକାନରୁ ପ୍ରାୟ ୩୦୦ଗ୍ରାମ ସୁନା ଅଳଙ୍କାର, ୩/୪ କେଜି ରୂପା ଅଳଙ୍କାର ଏବଂ ନଗଦ ୪୦ ହଜାର ଟଙ୍କା ଚୋରି ହୋଇଥିବା ଜୁଏଲର୍ସ ମାଲିକ ଏତଲାରେ ଦର୍ଶାଇଛନ୍ତି।

## ଆର୍‌ବିଏସ୍‌କେ ଟିମ୍ ୩୧ ହୃଦ୍‌ରୋଗୀଙ୍କୁ ହାର୍ଟ ହସ୍ପିଟାଲ ପଠାଇଲା



ବ୍ରହ୍ମପୁର,୩।୭(ସୁବାସ ଚନ୍ଦ୍ର ପାଢ଼ୀ):

ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଦ୍ୱାରା ଚିହ୍ନଟ ହୋଇଥିବା ୩୧ ଜଣ ହୃଦରୋଗୀଙ୍କୁ ବ୍ରହ୍ମପୁରରୁ ମୁମ୍ବାଇସ୍ଥିତ ଏସଆର୍‌ସିସି ହାର୍ଟ ହସ୍ପିଟାଲକୁ ଅସ୍ତ୍ରୋପଚାର ପାଇଁ ପଠାଯାଇଛି। ଏହି ଶିଶୁ ରୋଗୀମାନେ ଗଞ୍ଜାମ ଜିଲାର ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଟିମରେ ଥିବା ଆୟୁଷ ଡାକ୍ତରଙ୍କ ଦ୍ୱାରା ଚିହ୍ନଟ ହୋଇଥିଲେ। ପ୍ରତ୍ୟେକ ବ୍ଲକରେ ୨ଟି ଲେଖାଏଁ ଆରବିଏସକେ ଟିମ ଅଛନ୍ତି। ସେମାନଙ୍କ ମଧ୍ୟରେ ପ୍ରତ୍ୟେକ ଟିମରେ ଜଣେ ପୁରୁଷ ଆୟୁଷ ଡାକ୍ତର, ଜଣେ ମହିଳା ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଓ ଜଣେ ଏଏନଏମ ରହିଛନ୍ତି। ସେମାନେ ଅଙ୍ଗନୱାଡି, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଜନ୍ମରୁ ୧୮ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଉନ୍ନତ ସ୍ୱାସ୍ଥ୍ୟ ନିମନ୍ତେ ସିଟି ହସ୍ପିଟାଲରେ ଥିବା ଡିଇଆଇସିକୁ ପଠାଇଥାନ୍ତି। ୨୦୧୩ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଏ ଯାବତ ଅନେକ ଶିଶୁଙ୍କ ସଫଳ ଚିକିତ୍ସା ଓ ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ମାଗଣାରେ କରିଆସୁଛି। କେତେ ପିଲାଙ୍କ ପାଦବଙ୍କା, ଗ୍ରହଣ ଖଣ୍ଡିଆ , ହୃଦରୋଗ ଆଦି ଅନେକ ଜନ୍ମଗତ ତ୍ରୁଟିର ଅସ୍ତ୍ରୋପଚାର ହୋଇସାରିଛି। ଆୟୁଷ ଡାକ୍ତର କିରଣ କୁମାର ପଣ୍ଡିତ, ମନୋରଞ୍ଜନ ପଣ୍ଡା, ଗୋଷ୍ଠବିହାରୀ ପାତ୍ର ଶିଶୁମାନଙ୍କ ସାଥିରେ ମୁମ୍ବାଇ ଯାଇଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର, ଡ଼ିପି ଏମ ଶ୍ୟାମସୁନ୍ଦର ତ୍ରିପାଠୀ ସମସ୍ତ ଆୟୁଷ ଡାକ୍ତର, ଫାର୍ମାସିଷ୍ଟ, ଏ ଏନ ଏମ ଶିଶୁମାନଙ୍କର ସଫଳ ଚିକିତ୍ସା କାମନା କରିଛନ୍ତି ।

## ୧୦ ଦିନ ହେଲା ମହାତ୍ମା ଗାନ୍ଧୀ ଷ୍ଟାଡିୟମ ସନ୍ତରଣାଗାର ବନ୍ଦ

### ଅଭିଯୋଗ ପାଇ ଷ୍ଟାଡିୟମ ନିରୀକ୍ଷଣ କଲେ ବିଧାୟକ

ବ୍ରହ୍ମପୁର,୩।୭(ସ୍ୱାଧୀନ ଶେଖର ପାଢ଼ୀ)



ବିଧାୟକ ଓ ଅନ୍ୟମାନେ ଷ୍ଟାଡିୟମ ପରିଦର୍ଶନ କରୁଛନ୍ତି।

୧୦ ଦିନ ଧରି ମହାତ୍ମା ଗାନ୍ଧୀ ଷ୍ଟାଡିୟମ ସନ୍ତରଣାଗାର (ସୁଇମିଙ୍ଗ ପୁଲ )ବନ୍ଦ ରହୁଛି। ସୁଇମିଙ୍ଗ କ୍ଲାସ ମଧ ଠିକ ଭାବରେ ହେଉନାହିଁ। ଏଭଳି କିଛି ଅଭିଯୋଗ ନେଇ ବୁଧବାର ସକାଳୁ ମହାତ୍ମା ଗାନ୍ଧୀ ଷ୍ଟାଡିୟମ ପରିଦର୍ଶନ କରି ନିରୀକ୍ଷଣ କରିଛନ୍ତି ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର। ସନ୍ତରଣାଗାର ଓ କ୍ଲାସ ବନ୍ଦ ରହିଥିବା ନେଇ ଷ୍ଟାଡିୟମ ଅଫିସ ଇନଚାର୍ଜ ସଞ୍ଜୀବ ସାହୁଙ୍କୁ ପଚାରି ବୁଝିଥିଲେ। ସେହିଭଳି କ୍ରୀଡ଼ା ଷ୍ଟାଡିୟମ ପରିସରରେ ଥିବା ବିଭିନ୍ନ କ୍ରୀଡ଼ା ବିଭାଗ ପରିଦର୍ଶନ କରି ଖେଳାଳି ଓ କୋଚଙ୍କ ସହ ସାକ୍ଷାତ କରିଥିଲେ ବିଧାୟକ। ଉକ୍ତ ଷ୍ଟାଡିୟମରେ ସନ୍ତରଣକାରୀଙ୍କୁ ପ୍ରଶିକ୍ଷଣ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବିଜୁ ପଟ୍ଟନାୟକ ମେମୋରିଆଲ ସନ୍ତରଣାଗାର ନିର୍ମିତ ହୋଇଛି। ଗଞ୍ଜାମ ଜିଲା ସମେତ ଆଖପାଖ ଅଞ୍ଚଳରୁ ପ୍ରଶିକ୍ଷାର୍ଥୀମାନେ ଏଠାରେ ସନ୍ତରଣ ପ୍ରଶିକ୍ଷଣ ନେବା ଏହାର ଉଦ୍ଦେଶ୍ୟ ଥିଲା। ଅନ୍ୟପଟେ ସନ୍ତରଣାଗାରରେ ଯାନ୍ତ୍ରିକ ସମସ୍ୟା ଯୋଗୁଁ ପାଣି ସଫା ହୋଇ ପାରୁନାହିଁ । ତେଣୁ ଏହା ବନ୍ଦ ରହିଥିଲା। ଏହାକୁ ଠିକ କରି ଦିଆଯାଇଛି। ଗୁରୁବାରଠାରୁ ପୁଣି ସୁଇମିଙ୍ଗ କ୍ଲାସ ଯଥାବିଧି ଚାଲିବ ବୋଲି ଷ୍ଟାଡିୟମ ଇନଚାର୍ଜ ସଞ୍ଜୀବ ସାହୁ କହିଛନ୍ତି । ସେହିଭଳି ଷ୍ଟାଡିୟମର ଭରୋତ୍ତଳନ ଏକାଡେ଼ମୀ ବିଭାଗର କୋଚ ଓ ଖେଳାଳିଙ୍କୁ ବିଧାୟକ ଭେଟିଥିଲେ। ବକ୍ସିଂ ବିଭାଗ ଅଭ୍ୟାସ ଜଗିଂ ଟ୍ରାକ ନ ଥିବାରୁ ଅସୁବିଧା ହୋଇଥିବା ନେଇ ଅଭିଯୋଗ କରିଥିଲେ ପ୍ରଶିକ୍ଷକ ଓ ଖେଳାଳି । କ୍ରିକେଟ କ୍ରୀଡା ବିଭାଗର ବୋଲିଂ ମେଶିନ ଓ ମେଶିନ ରୋଲର ଓ ପିଚ ମରାମତି ପାଇଁ କହିଥିଲେ କ୍ରିକେଟ ପ୍ରଶିକ୍ଷକ। ବ୍ୟାଡମିଣ୍ଟନ ପାଇଁ ଇନଡୋର ହଲ ନ ଥିବା, ଫ୍ଲଡ଼ ଲାଇଟର ସୁବିଧା ଓ ଅନ୍ୟାନ୍ୟ କ୍ରୀଡା ଭିତ୍ତିଭୂମି ଅଭାବ ଓ କିଭଳି ତାକୁ ଦୂର ହୋଇପାରିବ ସେହି ବିଷୟ ଷ୍ଟାଡିୟମ ଇନଚାର୍ଜ,କ୍ରୀଡ଼ାବିତ ଓ କ୍ରୀଡା କୋଚଙ୍କ ସହ ବିଧାୟକ ଆଲୋଚନା କରିଥିଲେ। ଆଗାମୀ ଦିନରେ ଜିଲା ପ୍ରଶାସନ ସହ ସମନ୍ୱୟ ରଖି ଷ୍ଟାଡିୟମରେ କ୍ରୀଡା ଅଭ୍ୟାସକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ।

